ଶ୍ଲୋକ ରତ୍ନାକରଃ ।

ଶ୍ରୀ [illegible] ଦେବଙ୍କ ଦ୍ୱାରା
ପ୍ରଥମବାର ପ୍ରକାଶିତ ।
[illegible],
[illegible] ।

[illegible] ମୁଦ୍ରିତ ।



PRINTED AT THE [illegible] PRINTING WORKS,
BY P. C. [illegible],
CUTTACK.
[illegible]

ମୂଲ୍ୟ [illegible] ।

ଶ୍ଳୋକ ରତ୍ନାକରଃ ।

ଶ୍ରୀ ଭଗୀରଥି ରଥଙ୍କ ଦ୍ୱାରା

ପ୍ରଥମବାର ପ୍ରକାଶିତ ।

ବାଲୁବଜାର,

କଟକ ।

ଇଉନିୟନ ଯନ୍ତ୍ରଶାଳାରେ ମୁଦ୍ରିତ ।



PRINTED AT THE UNION PRINTING WORKS,

BY P. MUNDUL,

CUTTACK

1911

ମୂଲ୍ୟ ଦୁଇ ପଇସା ମାତ୍ର ।

ଶ୍ଳୋକ ରତ୍ନାକରଃ ।

ଶ୍ରୀଗଣେଶାୟ ନମଃ ।

ପ୍ରଣମ୍ୟ ସାରଦା ଦେବୀଂ ଶିଶୂନାଂ ହିତକାମ୍ୟୟା ।
ଶ୍ଳୋକ ରତ୍ନାକରୋ ଗ୍ରନ୍ଥଃ ସଙ୍ଗ୍ରହଃ କ୍ରିୟତେ ମୟା । ୧ ।

ମୁଁ ସାରଦାଦେବୀଙ୍କୁ ପ୍ରଣାମ କରି ବାଳକମାନଙ୍କର ହିତେଚ୍ଛାରେ ଏହି ଶ୍ଳୋକରତ୍ନାକର ଗ୍ରନ୍ଥକୁ ସଂଗ୍ରହ କଲି । ୧ ।

କାକସ୍ୟ ଚଞ୍ଚୁର୍ଯଦି ସ୍ୱର୍ଣ୍ଣଯୁକ୍ତା ମାଣିକ୍ୟଯୁକ୍ତୌ ଚରଣୌ ଚ ତସ୍ୟ ।
ଏକୈକପକ୍ଷେ ଗଜରାଜମୁକ୍ତା ତଥାପି କାକୋ ନଚ ରାଜହଂସଃ । ୨ ।

କାକର ଚଞ୍ଚୁ ଯଦି ସ୍ୱର୍ଣ୍ଣ ଯୁକ୍ତ ହୁଏ ଏବଂ ଚରଣଦ୍ୱୟ ଯଦି ମାଣିକ୍ୟ ଯୁକ୍ତ ହୁଏ, ପ୍ରତ୍ୟେକ ପକ୍ଷ ଯେବେ ମୁକ୍ତାଯୁକ୍ତ ହୁଏ ତଥାପି ସେ କାକ ରାଜହଂସ ହେବ କି ? । ୨ ।

କାକଃ କୃଷ୍ଣଃ ପିକଃ କୃଷ୍ଣଃ କୋ ଭେଦଃ ପିକକାକୟୋଃ ।
ବସନ୍ତେ ସମୁପାୟାତେ କାକଃ କାକଃ ପିକଃ ପିକଃ । ୩ ।

କାକ କୃଷ୍ଣବର୍ଣ୍ଣ ଓ ପିକ କୃଷ୍ଣବର୍ଣ୍ଣ ଏ ଦୁହିଁଙ୍କର ପ୍ରଭେଦ କଣ ? କିନ୍ତୁ ବସନ୍ତସମୟ ଆଗତ ହୁଅନ୍ତେ କାକ ଯେ ସେ କାକ ପିକ ଯେ ସେ ପିକ । ୩ ।

ବରମେକୋ ଗୁଣୀପୁତ୍ରୋ ନ ଚ ମୂର୍ଖଶତୈରପି ।
ଏକଶ୍ଚନ୍ଦ୍ରସ୍ତମୋ ହନ୍ତି ନ ଚ ତାରାଗଣୈରପି । ୪ ।

ଗୁଣବାନ୍ ଗୋଟିଏ ପୁତ୍ର ଜାତ ହେବା ଭଲ କିନ୍ତୁ ମୂର୍ଖ ଶତପୁତ୍ର ହେବା ଭଲ ନୁହେଁ । ଯେପରି ଗୋଟିଏଚନ୍ଦ୍ର ଉଦୟ ହେଲାମାତ୍ରେ ଅନ୍ଧକାର ନଷ୍ଟ ହୁଏ କିନ୍ତୁ ତାରାଗଣଙ୍କଦ୍ୱାରା ଅନ୍ଧକାର ନଷ୍ଟ ହୋଇ ପାରେ ନାହିଁ । ୪ ।

ଯଦଭାବି ନ ତଦ୍ଭାବି ଭାବିଚେନ୍ନ ତଦନ୍ୟଥା ।
ଇତି ଚିନ୍ତାବିଷଘ୍ନୋଽୟ ମଗଦଃ କିଂ ନ ପୀୟତେ । ୫ ।

ଯାହା ନ ହେବାର ଥାଏ ତା ନ ହୁଏ, ଯାହା ହେବାର ଥାଏ ତାହା ଅନ୍ୟଥା କେବେ ହୁଏ ନାହିଁ । ଏହିରୂପ ଚିନ୍ତାବିଷଘ୍ନ ଔଷଧକୁ ମନୁଷ୍ୟମାନେ କାହିଁକି ପାନ କରୁ ନାହାନ୍ତି ? । ୫ ।

ମାତା ଲକ୍ଷ୍ମୀଃ ପିତା ବିଷ୍ଣୁଃ ସ୍ୱୟଂ ଚ ବିଷମାୟୁଧଃ ।
ତଥାପି ଶମ୍ଭୁନା ଦଗ୍ଧଃ ପ୍ରାକୃତଂ କେନ ଲଙ୍ଘ୍ୟତେ । ୬ ।

ଯାହାର ମାତା ଲକ୍ଷ୍ମୀ, ପିତା ବିଷ୍ଣୁ, ନିଜେ ବିଷମାୟୁଧ, ଏପରି ଯେ କନ୍ଦର୍ପ ସେ ପୁଣି ଶମ୍ଭୁଙ୍କର କୋପାନଳରେ ଦଗ୍ଧହେଲା ଅତୋପ୍ରାକୃତ ଘଟଣାକୁ କେହି ଲଙ୍ଘି ପାରନ୍ତି ନାହିଁ । ୬ ।

ମାତୁଲୋ ମାଧବୋ ଯସ୍ୟ ପିତା ଯସ୍ୟ ଧନଞ୍ଜୟଃ ।
ସ ଶେତେ ସମରେ ଶ୍ରୀମାନଭିମନ୍ୟୁର୍ମହାବଳଃ । ୭ ।

ଯାହାଙ୍କର ମାମୁଁ ମାଧବ, ପିତା ଧନଞ୍ଜୟ, ନିଜେ ମହାବଳ ଏପରି ଯେ ଅଭିମନ୍ୟୁ ସେ ପୁଣି ଯୁଦ୍ଧରେ ଶୟନ କଲା । ୭ ।

ଲଲାଟେ ଲିଖିତଂ ଯତ୍ତୁ ଷଷ୍ଠୀ ଜାଗରବାସରେ ।
ନ ହରିଃ ଶଙ୍କରୋ ବ୍ରହ୍ମା ହ୍ୟନ୍ୟଥା କର୍ତ୍ତୁମର୍ହତି । ୮ ।

ଷଷ୍ଠୀ ଜାଗର ବାସରେ ଷଷ୍ଠୀଦେବୀ ମନୁଷ୍ୟର ଲଲାଟରେ ଯାହା ଲେଖିଯାଇଥାନ୍ତି ତାକୁ ହରି, ଶଙ୍କର, ବା ବ୍ରହ୍ମା ଅନ୍ୟଥା କରି ପାରନ୍ତି ନାହିଁ । ୮ ।

ଦୀପନିର୍ବାଣଗନ୍ଧଂ ଚ ସୁହୃଦ୍ୱାକ୍ୟମରୁନ୍ଧତୀଂ ।
ନ ଜିଘ୍ରନ୍ତି ନ ଶୃଣ୍ୱନ୍ତି ନ ପଶ୍ୟନ୍ତି ଗତାୟୁଷଃ । ୯ ।

ଗତାୟୁ ପ୍ରାଣୀମାନେ ଦୀପନିର୍ବାଣ ଗନ୍ଧକୁ ଆଘ୍ରାଣ କରନ୍ତି ନାହିଁ, ମିତ୍ରର ବାକ୍ୟକୁ ଶୁଣନ୍ତି ନାହିଁ, ଅରୁନ୍ଧତୀ ନକ୍ଷତ୍ରକୁ ଦେଖନ୍ତି ନାହିଁ ॥

ପିତା ରକ୍ଷତି କୌମାରେ ଭର୍ତ୍ତା ରକ୍ଷତି ଯୌବନେ ।
ପୁତ୍ରସ୍ତୁ ସ୍ଥବିରେ ଭାବେ ନ ସ୍ତ୍ରୀ ସ୍ୱାତନ୍ତ୍ର୍ୟମର୍ହତି । ୧୦ ।

ବାଲ୍ୟାବସ୍ଥାରେ ପିତା ରକ୍ଷା କରେ, ଯୌବନାବସ୍ଥାରେ ସ୍ୱାମୀ ରକ୍ଷା କରେ, ବୃଦ୍ଧ ଅବସ୍ଥାରେ ପୁତ୍ର ରକ୍ଷା କରେ ଅତଏବ ସ୍ତ୍ରୀ ସ୍ୱାତନ୍ତ୍ର୍ୟକୁ କଦାପି ପ୍ରାପ୍ତ ହୁଏ ନାହିଁ । ୧୦ ।

ଗୁରୁ ଶୁଶ୍ରୂଷୟା ବିଦ୍ୟା ପୁଷ୍କଲେନ ଧନେନ ବା ।
ଅଥବା ବିଦ୍ୟୟା ବିଦ୍ୟା ଚତୁର୍ଥୀ ନୋପପଦ୍ୟତେ । ୧୧ ।

ଗୁରୁଙ୍କୁ ସେବା କରଲେ ମନୁଷ୍ୟର ବିଦ୍ୟାଲାଭ ହୁଏ, ଅଥବା ବହୁ ଅର୍ଥ ବ୍ୟୟ କଲେ ବିଦ୍ୟାଲାଭ ହୁଏ, କିମ୍ବା ପରକୁ ବିଦ୍ୟା ଦାନ କଲେ ନିଜର ବିଦ୍ୟାଲାଭ ହୁଏ କିନ୍ତୁ ଏହି ତିନିଛଡ଼ା ବିଦ୍ୟା ଲାଭର ଚତୁର୍ଥ ଉପାୟ ନାହିଁ । ୧୧ ।

ବିପଦି ଧୈର୍ଯ୍ୟ ମଥାଭ୍ୟୁଦୟେ କ୍ଷମା
ସଦସି ବାକ୍ପଟୁତା ଯୁଧି ବିକ୍ରମଃ ।
ଯଶସି ଚାଭିରୁଚିର୍ବ୍ୟସନଂ ଶ୍ରୁତୌ
ପ୍ରକୃତିସିଦ୍ଧମିଦଂ ହି ମହାତ୍ମନାଂ । ୧୨ ।

ବିପଦ କାଳରେ ଧୈର୍ଯ୍ୟ, ଅଭ୍ୟୁଦୟରେ କ୍ଷମା, ସଭାରେ ବାକ୍-ପଟୁତା, ଯୁଦ୍ଧରେ ଶୂରତା, ଯଶରେ ଅଭିଳାଷ, ଶ୍ରୁତିରେ ବ୍ୟସନ ଏ ସମସ୍ତ ମହାତ୍ମାମାନଙ୍କର ପ୍ରକୃତିସିଦ୍ଧ ଅଟେ । ୧୨ ।

ଦରିଦ୍ରାନ୍ ଭର କୌନ୍ତେୟ ! ମାପ୍ରଯଚ୍ଛେଶ୍ୱରେ ଧନଂ ।
ବ୍ୟାଧିତସ୍ୟୌଷଧଂ ପଥ୍ୟଂ ନୀରୁଜସ୍ୟ କିମୌଷଧୈଃ । ୧୩ ।

ହେ କୌନ୍ତେୟ ! ତୁମ୍ଭେ ଦରିଦ୍ରମାନଙ୍କୁ ଧନ ଦିଅ, ଧନୀଙ୍କୁ ଧନ ଦିଅ ନାହିଁ । କାରଣ ବ୍ୟାଧି ପୀଡ଼ିତ ଲୋକର ଔଷଧ ପଥ୍ୟ, ନିରୋଗୀ ଲୋକର ଔଷଧ ଦ୍ୱାରା କି ପ୍ରୟୋଜନ । ୧୩ ।

ମାତୃବତ୍ ପରଦାରେଷୁ ପରଦ୍ରବ୍ୟେଷୁ ଲୋଷ୍ଟ୍ରବତ୍ ।
ଆତ୍ମବତ୍ ସର୍ବଭୂତେଷୁ ଯଃ ପଶ୍ୟତି ସ ପଣ୍ଡିତଃ । ୧୪ ।

ଯେଉଁ ଲୋକ ପରଦାରାକୁ ମାତା ପରି ଦେଖେ; ପର ଦ୍ରବ୍ୟକୁ

ମାତି ପର ଜ୍ଞାନ କରେ, ସମସ୍ତ ପ୍ରାଣୀମାନଙ୍କୁ ଆପଣାପରି ମଣେ ସେହି ଲୋକ ପଣ୍ଡିତ । ୧୪ ।

ଉଦ୍ଯୋଗିନଂ ପୁରୁଷସିଂହ ମୁପୈତି ଲକ୍ଷ୍ମୀ—
ର୍ଦୈବେନ ଦେୟ ମିତି କାପୁରୁଷା ବଦନ୍ତି ।
ଦୈବଂ ନିହତ୍ୟ କୁରୁ ପୌରୁଷମାତ୍ମଶକ୍ତ୍ୟା
ଯତ୍ନେ କୃତେ ଯଦି ନ ସିଦ୍ଧ୍ୟତି କୋଽତ୍ର ଦୋଷଃ ।୧୫

ଉଦ୍ଯୋଗୀ ପୁରୁଷକୁ ଲକ୍ଷ୍ମୀ ପ୍ରାପ୍ତ ହୁଏ, ଦୈବ ଦଏ ଏକଥା କାପୁରୁଷମାନେ କହନ୍ତି ଅତଏବ ଦୈବ ଦଏ ଏକଥା ଛାଡ଼ ଆତ୍ମଶକ୍ତିରେ ପୌରୁଷ କର, ଯତ୍ନ କରୁଁ ଯଦି ସିଦ୍ଧ ନ ହେଲା ତେବେ ସେଥିରେ କିଛି ଦୋଷ ନାହିଁ । ୧୫ ।

ଦାନୋପଭୋଗହୀନେନ ଧନେନ ଧନିନୋ ଯଦି ।
ଭବାମଃ କିଂ ନ ତେନୈବ ଧନେନ ଧନିନୋ ବୟଂ । ୧୬ ।

ଦାନ ଓ ଉପଭୋଗହୀନ ଧନଦ୍ୱାରା ଲୋକ ଯଦି ଧନୀ ବୋଲାଏ ତେବେ ଆମ୍ଭେମାନେ ସେହି ଧନଦ୍ୱାରା କାହିଁକି ଧନୀ ନ ହେବା ॥

ନ ଗଣସ୍ୟାଗ୍ରତୋ ଗଚ୍ଛେତ୍ ସିଦ୍ଧେ କାର୍ଯ୍ୟେ ସମଂ ଫଳଂ ।
ଯଦି କାର୍ଯ୍ୟ ବିପତ୍ତିଃ ସ୍ୟାନ୍ମୁଖରସ୍ତତ୍ର ହନ୍ୟତେ । ୧୭ ।

କୌଣସି କାର୍ଯ୍ୟରେ ଯେବେ ବହୁ ଲୋକଙ୍କ ସଙ୍ଗରେ ଯାଉଥିବ ତେବେ ସେମାନଙ୍କ ଅଗରେ କଦାପି ଯିବନାହିଁ କାରଣ କାର୍ଯ୍ୟରେ ଯଦି ବ୍ୟାଘାତ ଘଟେ ତେବେ ଅଗ୍ରଗଲୋକକୁ ସମସ୍ତେ ତିରସ୍କାର କରନ୍ତି । ୧୭ ।

ଯତ୍ର ବିଦ୍ୱଜ୍ଜନୋ ନାସ୍ତି ଶ୍ଳାଘ୍ୟସ୍ତତ୍ରାଳ୍ପଧୀରପି ।
ନିରସ୍ତପାଦପେ ଦେଶେ ଏରଣ୍ଡୋଽପି ଦ୍ରୁମାୟତେ । ୧୮ ।

ଯେଉଁଠାରେ ପଣ୍ଡିତ ଲୋକ ନ ଥାନ୍ତି ସେଠାରେ ଅଳ୍ପବୁଦ୍ଧି ଲୋକ ମଧ୍ୟ ପୂଜା ପାଏ, ଯେପରି ବୃକ୍ଷହୀନ ଦେଶରେ ଗବ ଗଛ ମଧ୍ୟ ବୃକ୍ଷରେ ଗଣିତ ହୁଏ । ୧୮ ।

ସୀମନ୍ତିନୀନାଂ ବରଭୂଷଣଂ କିଂ
କାବା ସଦା ଶୋକଜଳେ ନିମଗ୍ନା ।
ବିଭର୍ତ୍ତି ଶମ୍ଭୁଃ କ୍ୱଚ ଚନ୍ଦ୍ରବିମ୍ବଂ
ସିନ୍ଦୂର ବିନ୍ଦୁର୍ବିଧବା ଲଲାଟେ । ୧୯ ।

ସ୍ତ୍ରୀମାନଙ୍କର ଶ୍ରେଷ୍ଠ ଭୂଷଣ କଣ? ସିନ୍ଦୂର ବିନ୍ଦୁ, ସର୍ବଦା ଶୋକ ଜଳରେ କିଏ ନିମଗ୍ନ? ବିଧବା, ମହାଦେବ ଚନ୍ଦ୍ରବିମ୍ବ କେଉଁଠାରେ ଧାରଣ କରନ୍ତି? ଲଲାଟରେ । ୧୯ ।

ଯୌବନଂ ଧନ ସମ୍ପତ୍ତିଃ ପ୍ରଭୁତ୍ୱମବିବେକିତା ।
ଏକୈକମପ୍ୟନର୍ଥାୟ କିମୁ ଯତ୍ର ଚତୁଷ୍ଟୟଂ । ୨୦ ।

ଯୌବନ, ଧନସମ୍ପତ୍ତି, ପ୍ରଭୁତ୍ୱ, ଅବିବେକତା, ଏସମସ୍ତ ଗୋଟିଏ୨ ଅନର୍ଥର କାରଣ ଅଟେ କିନ୍ତୁ ଏହି ସମସ୍ତ ଯୁଗପତ୍ ଯାହାଠାରେ ଥାଏ ସେଠାରେ ଯେ ଅନର୍ଥ ନ ହେବ ଏ ବିଷୟରେ କଣ କହିବା ॥

ଧନିନଃ ଶ୍ରୋତ୍ରିୟୋ ରାଜା ନଦୀ ବୈଦ୍ୟସ୍ତୁ ପଞ୍ଚମଃ ।
ପଞ୍ଚ ଯତ୍ର ନ ବିଦ୍ୟନ୍ତେ ତତ୍ର ବାସଂ ନ କାରୟେତ୍ । ୨୧ ।

ଧନୀ, ବେଦବିତ୍, ରାଜା, ନଦୀ, ବୈଦ୍ୟ, ଏହି ପାଞ୍ଚଟି କଥା ଯେଉଁ ଦେଶରେ ନାହିଁ ସେ ଦେଶରେ କଦାପି ବାସ କରିବ ନାହିଁ ॥

ଦୁର୍ଜ୍ଜନଃ ପରିହର୍ତ୍ତବ୍ୟୋ ବିଦ୍ୟୟାଲଂକୃତୋଽପି ସଃ ।
ମଣିନା ଭୂଷିତଃ ସର୍ପଃ କିମସୌ ନ ଭୟଂକରଃ । ୨୨ ।

ଦୁର୍ଜ୍ଜନ ଲୋକ ବିଦ୍ୟାରେ ଅଲଂକୃତ ହେଲେ ସୁଦ୍ଧା ତାହାକୁ ପରିତ୍ୟାଗ କରିବ, ଯେପରି ମଣିରେ ଭୂଷିତ ହୋଇଥାଏ ଯେ ସର୍ପ ସେ କଣ-ଭୟଙ୍କର ନୁହେଁ? । ୨୨ ।

ନାରିକେଲସମାକାରା ଦୃଶ୍ୟନ୍ତେଽପିହି ସଜ୍ଜନାଃ ।
ଅନ୍ୟେ ବଦରିକାକାରା ବହିରେବ ମନୋହରାଃ । ୨୩ ।

ଯେପରି ନାରିକେଲ ଫଳର ବାହ୍ୟ କଠିନ, ଅନ୍ତଃକରଣ କୋମଳ ସେହିପରି ସଜ୍ଜନମାନଙ୍କର ହୃଦୟ ଅଟେ । କିନ୍ତୁ ଯେପରି ବଦ-

ଢୋଲର ବାଦ୍ୟ ମନୋହର ଓ କୋମଳ, ଭିତର କଠିନ ସେହି ପରି ଦୁର୍ଜ୍ଜନମାନଙ୍କର ହୃଦୟ ଅଟେ । ୧୩ ।

ମନସ୍ୟନ୍ୟଦ୍ୱଚସ୍ୟନ୍ୟତ୍କର୍ମ୍ମଣ୍ୟନ୍ୟଦ୍ଦୁରାତ୍ମନାଂ ।
ମନସ୍ୟେକଂ ବଚସ୍ୟେକଂ କର୍ମ୍ମଣ୍ୟେକଂ ମହାତ୍ମନାଂ । ୧୪ ।

ଦୁର୍ଜ୍ଜନମାନଙ୍କର ମନରେ ଗୋଟିଏ କଥା, ବଚନରେ ଗୋଟିଏ କଥା, କାର୍ଯ୍ୟରେ ଗୋଟିଏ କଥା, କିନ୍ତୁ ସଜ୍ଜନମାନଙ୍କର ମନରେ ଏକ, ବଚନରେ ଏକ, କାର୍ଯ୍ୟରେ ଏକ କଥା ଅଟେ । ୧୪ ।

ଉତ୍ସବେ ବ୍ୟସନେ ଚୈବ ଦୁର୍ଭିକ୍ଷେ ରାଷ୍ଟ୍ର, ବିପ୍ଳବେ ।
ରାଜଦ୍ୱାରେ ଶ୍ମଶାନେ ଚ ଯସ୍ତିଷ୍ଠତି ସବାନ୍ଧବଃ । ୧୫ ।

ଯେଉଁ ଲୋକ ଉତ୍ସବରେ, ବ୍ୟସନରେ, ଦୁର୍ଭିକ୍ଷରେ ରାଷ୍ଟ୍ର,ବିପ୍ଳବରେ, ରାଜଦ୍ୱାରରେ, ଶ୍ମଶାନରେ ସ୍ଥିତ ହୁଏ ସେହି ପରମ ବାନ୍ଧବ ଅଟେ । ୧୫ ।

ହୀୟତେ ହି ମତିସ୍ତାତହୀନୈଃ ସହ ସମାଗମାତ୍ ।
ସମୈଶ୍ଚ ସମତାମେତି ବିଶିଷ୍ଟୈଶ୍ଚ ବିଶିଷ୍ଟତାଂ । ୧୬ ।

ନୀଚଲୋକ ସହିତ ସହବାସ କଲେ ବୁଦ୍ଧି ନୀଚତାକୁ ପ୍ରାପ୍ତହୁଏ, ସମାନ ଲୋକ ସହିତ ବାସକଲେ ମତି ସମତା ପ୍ରାପ୍ତହୁଏ, ଉଚ୍ଚଲୋକ ସହିତ ବାସ କଲେ ବୁଦ୍ଧି ଉଚ୍ଚତା ପ୍ରାପ୍ତ ହୁଏ । ୧୬ ।

କୋଽର୍ଥଃ ପୁତ୍ରେଣ ଜାତେନ ଯୋ ନ ବିଦ୍ୱାନ୍ନ ଧାର୍ମ୍ମିକଃ ।
କାଣେନ ଚକ୍ଷୁଷା କିମ୍ବା ଚକ୍ଷୁଃପୀଡୈବ କେବଳଂ । ୧୭ ।

ଯେଉଁ ପୁତ୍ର ଜାତହୋଇ ବିଦ୍ୱାନ୍ ବା ଧାର୍ମ୍ମିକ ନ ହେଲା ସେ ପୁତ୍ରଦ୍ୱାରା କି ପ୍ରୟୋଜନ, ଯେପରି କଣା ଚକ୍ଷୁଦ୍ୱାରା କିଛି ପ୍ରୟୋଜନ ନାହିଁ କେବଳ ଚକ୍ଷୁଃପୀଡା ସର୍ବଦା ହେଉଥାଏ । ୧୭ ।

କୃପଣସ୍ୟ ଧନଂ ଯାତି ବହ୍ନିତସ୍କରପାର୍ଥିବୈଃ ।
ନ ଦେବାୟ ନ ବିପ୍ରାୟ ନ ବନ୍ଧୁଭ୍ୟୋ ନଚାତ୍ମନେ । ୧୮ ।

କୃପଣଲୋକର ଧନ ଅଗ୍ନି, ଚୋର, ରାଜା ଏମାନଙ୍କ ଦ୍ୱାରା

ଅପହୃତ ହୁଏ କିମ୍ବା ସେ ଧନ ଦେବତା, ଶତ୍ରୁ, ବନ୍ଧୁ ବା ନିଜ ଯୋଗ୍ୟ ନୁହେଁ । ୨୮

ଅତିଦର୍ପେ ହତା ଲଙ୍କା ଅତିମାନେ ଚ କୌରବାଃ ।
ଅତିଦାନେ ବଲିର୍ବଦ୍ଧଃ ସର୍ବମତ୍ୟନ୍ତ ଗର୍ହିତଂ । ୨୯ ।

ଅତ୍ୟନ୍ତ ଗର୍ବରେ ଲଙ୍କା ନଗରୀ ନଷ୍ଟ ହେଲା, ଅତିଶୟ ମାନରେ କୌରବମାନେ ବିନାଶ ପ୍ରାପ୍ତହେଲେ, ଅତି ଦାନରେ ବଳିରାଜା ବନ୍ଧନ ହେଲା, ଅତଏବ ସବୁ କାର୍ଯ୍ୟ ଅତିଶୟ ହେଲେ ଏହିପରି ଗର୍ହିତ ହୁଏ । ୨୯ ।

ଦୁର୍ବଲସ୍ୟ ବଲଂ ରାଜା ବାଲାନାଂ ରୋଦନଂ ବଲଂ ।
ବଲଂ ମୂର୍ଖସ୍ୟ ମୌନତ୍ୱଂ ଚୌରାଣାମନୃତଂ ବଲଂ । ୩୦ ।

ଦୁର୍ବଳ ଲୋକର ରାଜା ବଳ, ବାଳକମାନଙ୍କର ରୋଦନ ବଳ, ମୂର୍ଖ ଲୋକର ମୌନତ୍ୱ ବଳ, ଚୋରମାନଙ୍କର ମିଥ୍ୟା ବଳ ଅଟେ ॥

ନ ଚ ବିଦ୍ୟାସମୋ ବନ୍ଧୁର୍ନ ଚ ବ୍ୟାଧିସମୋ ରିପୁଃ ।
ନ ଚାପତ୍ୟସମଃ ସ୍ନେହୋ ନ ଚ ଦୈବାତ୍ ପରଂ ବଲଂ ॥

ଜଗତରେ ବିଦ୍ୟା ବନ୍ଧୁଠାରୁ ଉତ୍କୃଷ୍ଟ ବନ୍ଧୁ ଆଉ ନାହିଁ ସେହିପରି ବ୍ୟାଧି ସମାନ ଶତ୍ରୁ, ପୁତ୍ର ସମାନ ସ୍ନେହ ଓ ଦୈବବଳରୁ ଶ୍ରେଷ୍ଠ ବଳ ଆଉ ନାହିଁ । ୩୧ ।

ଅସମ୍ଭବଂ ନ ବକ୍ତବ୍ୟଂ ପ୍ରତ୍ୟକ୍ଷଂ ଯଦି ଦୃଶ୍ୟତେ ।
ଶିଳା ତରତି ପାନୀୟେ ଗୀତଂ ଗାୟତି ବାନରଃ । ୩୨ ।

ପ୍ରତ୍ୟକ୍ଷରେ ଦେଖିଲେ ସୁଦ୍ଧା ଅସମ୍ଭବ କଥା କଦାପି କହିବ ନାହିଁ । ଯେପରି ଜଳରେ ପଥର ଭାସେ ତାହା ଉପରେ ବାନର ବସି ଗୀତ ବୋଲେ ଏକଥା ସତ୍ୟ ହେଲେ ମଧ୍ୟ ସମସ୍ତେ ଅସମ୍ଭବ ମଣନ୍ତି । ୩୨ ।

ନୃତ୍ୟନ୍ତି ଭୋଜନେ ବିପ୍ରା ମୟୂରା ମେଘଦର୍ଶନେ ।
ସାଧବଃ ପରସଂପତ୍ତୌ ଖଲାଃ ପରବିପତ୍ତିଷୁ । ୩୩ ।

ବ୍ରାହ୍ମଣମାନେ ଭୋଜନ ପାଇଲେ ନୃତ୍ୟ କରନ୍ତି, ମୟୂରମାନେ ମେଘ ଦେଖି ନୃତ୍ୟ କରନ୍ତି, ସାଧୁମାନେ ପର ସଂପତ୍ତି ଦେଖି ନୃତ୍ୟ କରନ୍ତି, ଦୁର୍ଜନମାନେ ପରବିପତ୍ତି ଦେଖି ନୃତ୍ୟ କରନ୍ତି । ୩୩ ।

କିଂ କରିଷ୍ୟତି ବକ୍ତା ଚ ଶ୍ରୋତା ଯତ୍ର ନ ବିଦ୍ୟତେ ।
ନଗ୍ନକ୍ଷପଣକେ ଦେଶେ ରଜକଃ କିଂ କରିଷ୍ୟତି । ୩୪ ।

ଯେଉଁ ଦେଶରେ ଶ୍ରୋତା ନାହାନ୍ତି ସେ ଦେଶରେ ବକ୍ତା ଥାଇ କଣ କରିବ । ଆଉ ଯେଉଁ ଦେଶରେ ସମସ୍ତେ ଲଙ୍ଗଳା ଅଛନ୍ତି ସେ ଦେଶରେ ରଜକ ଥାଇ ବା କଣ କରିବ । ୩୪ ।

କୂପୋଦକଂ ବଟଚ୍ଛାୟା ଶ୍ୟାମାସ୍ତ୍ରୀ ଇଷ୍ଟକାଲୟଂ ।
ଶୀତକାଲେ ଭବେଦୁଷ୍ଣଂ ଗ୍ରୀଷ୍ମକାଲେ ଚ ଶୀତଳଂ । ୩୫ ।

କୂପଜଳ, ବଟ ବୃକ୍ଷର ଛାୟା, ଶ୍ୟାମାସ୍ତ୍ରୀ, କୋଠାଘର ଏସବୁ ଶୀତକାଳରେ ଉଷ୍ଣ ହୁଅନ୍ତି । ଓ ଗ୍ରୀଷ୍ମକାଳରେ ଶୀତଳ ହୁଅନ୍ତି ॥

ନୀଚବଂଶୋଦ୍ଭବୋ ରାଜା ପୁତ୍ରୋ ମୂର୍ଖସ୍ୟ ପଣ୍ଡିତଃ ।
ନିର୍ଧନୋ ଧନମାପ୍ନୋତି ତୃଣବନ୍ମନ୍ୟତେ ଜଗତ୍ । ୩୬ ।

ନୀଚଲୋକ ଯଦି ରାଜା ହୁଏ, ମୂର୍ଖଲୋକର ପୁତ୍ର ଯେବେ ପଣ୍ଡିତ ହୁଏ, ଦରିଦ୍ରଲୋକ ଯଦି ଧନୀ ହୁଏ ତା ହେଲେ ସେ ଜଗତକୁ ତୃଣପରି ମଣେ । ୩୬ ।

ଦୁର୍ଜନଃ ପ୍ରିୟବାଦୀ ଚ ନୈତଦ୍ ବିଶ୍ୱାସକାରଣଂ ।
ମଧୁ ତିଷ୍ଠତି ଜିହ୍ୱାଗ୍ରେ ହୃଦି ହାଳାହଳଂ ବିଷଂ । ୩୭ ।

ଦୁର୍ଜନଲୋକ ପ୍ରିୟ କଥା କହିଲେ ସୁଦ୍ଧା କଦାପି ତାହାଙ୍କୁ ବିଶ୍ୱାସ କରିବ ନାହିଁ କାରଣ ତାହାର ଜିହ୍ୱାଗ୍ରରେ ମଧୁ ଥାଇ କରୁ ହୃଦୟରେ ହାଳାହଳ ବିଷ ଥାଏ । ୩୭ ।

ରୂପଯୌବନସଂପନ୍ନା ବିଶାଳକୁଳସମ୍ଭବାଃ ।
ବିଦ୍ୟାହୀନା ନ ଶୋଭନ୍ତେ ନିର୍ଗନ୍ଧା ଇବ କିଂଶୁକାଃ । ୩୮ ।

ରୂପ ଅଛି, ଯୌବନ ସଂପନ୍ନ ଓ ବିଶାଳ କୁଳ ସମ୍ଭବ, ହେଲେଁ

ମଧ ଲୋକ ଯେବେ ବିଦ୍ୟାହୀନ ହୁଏ ତେବେ ସେ ଗନ୍ଧବିହୀନ କିଂଶୁକ (ପଳାଶ) ଫୁଲ ପରି ଶୋଭା ପାଏ ନାହିଁ । ୩୮ ।

ସର୍ପଃ କ୍ରୂରଃ ଖଳଃ କ୍ରୂରଃ ସର୍ପାତ୍ କ୍ରୂରତରଃ ଖଳଃ ।
ମନ୍ତ୍ରୌଷଧବଶଃ ସର୍ପଃ ଖଳଃ କେନ ନିବାର୍ଯ୍ୟତେ । ୩୯ ।

ସର୍ପ କ୍ରୂର, ଖଳ ମଧ କ୍ରୂର, କିନ୍ତୁ ସର୍ପଠାରୁ ଖଳ ଅଧିକସ୍ତୁ କ୍ରୂର କାରଣ ସର୍ପକୁ ମନ୍ତ୍ର ବା ଔଷଧରେ ବଶୀଭୂତ କରାଯାଇ ପାରେ କିନ୍ତୁ ଖଳ କୌଣସି ଉପାୟରେ ବଶୀଭୂତ ହୋଇପାରେ ନାହିଁ ॥

ଅର୍ଥନାଶଂ ମନସ୍ତାପଂ ଗୃହେ ଦୁଷ୍ଟଚେଷ୍ଟିତାନି ଚ ।
ବଞ୍ଚନଂ ଚାପମାନଞ୍ଚ ମତିମାନ୍ନ ପ୍ରକାଶୟେତ୍ । ୪୦ ।

ବୁଦ୍ଧିମାନ୍ ଲୋକ ଧନନାଶ, ମନର ସନ୍ତାପ, ଗୃହର ଦୁଷ୍ଟଚରିତ ବଞ୍ଚନ ଓ ଅପମାନ ଏ ସମସ୍ତ କାହାରି ଆଗରେ ପ୍ରକାଶ କରେ ନାହିଁ । ୪୦ ।

କୋକିଳାନାଂ ସ୍ୱରୋ ରୂପଂ ନାରୀ ରୂପଂ ପତିବ୍ରତା ।
ବିଦ୍ୟା ରୂପଂ କୁରୂପାଣାଂ କ୍ଷମାରୂପଂ ତପସ୍ୱିନାଂ । ୪୧ ।

କୋକିଳମାନଙ୍କର ସ୍ୱର ରୂପ, ନାରୀମାନଙ୍କର ପତିବ୍ରତାରୂପ କୁରୂପମାନଙ୍କର ବିଦ୍ୟାରୂପ, ତପସ୍ୱିମାନଙ୍କର କ୍ଷମା ରୂପ ଅଟେ ।୪୧।

ପୁସ୍ତକସ୍ଥା ତୁ ଯା ବିଦ୍ୟା ପରହସ୍ତଗତଂ ଧନଂ ।
କାର୍ଯ୍ୟକାଲେ ସମୁତ୍ପନ୍ନେ ନ ସା ବିଦ୍ୟା ନ ତଦ୍ଧନଂ । ୪୨ ।

ପୁସ୍ତକସ୍ଥିତ ଯେଉଁ ବିଦ୍ୟା, ପରହସ୍ତଗତ ଯେଉଁ ଧନ ସେ ବିଦ୍ୟା ସେ ଧନ କଦାପି କାର୍ଯ୍ୟରେ ଆସନ୍ତି ନାହିଁ । ୪୨ ।

ଅନଭ୍ୟାସେ ବିଷଂ ବିଦ୍ୟାପ୍ୟଜୀର୍ଣ୍ଣେ ଭୋଜନଂ ବିଷଂ ।
ବିଷଂ ଗୋଷ୍ଠୀ ଦରିଦ୍ରସ୍ୟ ବୃଦ୍ଧସ୍ୟ ତରୁଣୀ ବିଷଂ । ୪୩ ।

ଅଭ୍ୟାସ ନ କଲେ ବିଦ୍ୟା ବିଷତୁଲ୍ୟ, ଅଜୀର୍ଣ୍ଣରେ ଭୋଜନ ବିଷ ତୁଲ୍ୟ, ଦରିଦ୍ର ଲୋକର କୁଟୁମ୍ବ ବିଷତୁଲ୍ୟ, ବୃଦ୍ଧ ଲୋକର ତରୁଣୀ ବିଷତୁଲ୍ୟ ଅଟେ । ୪୩ ।

ଯସ୍ୟ କ୍ଷେତ୍ରଂ ନଦୀତୀରେ ଭାର୍ଯ୍ୟାପି ପରପ୍ରେମୀ ।
ପୁତ୍ରସ୍ୟ ବିନୟୋ ନାସ୍ତି ମୃତ୍ୟୁରେବ ନ ସଂଶୟଃ । ୪୪ ।

ଯାହାର କ୍ଷେତ୍ର ନଦୀତୀରରେ, ଭାର୍ଯ୍ୟାମଧ୍ୟ ପରପ୍ରେମୀ, ଓ ପୁତ୍ରର ବିନୟ ଗୁଣ ନାହିଁ ତାହାର ନିଶ୍ଚୟ ମୃତ୍ୟୁ ହେବ ଏଥିରେ ସନ୍ଦେହ ନାହିଁ । ୪୪ ।

ରୋଗୀ ଚିରପ୍ରବାସୀ ପରାନ୍ନଭୋଜୀ ପରାବସଥଶାୟୀ ।
ଯଜ୍ଜୀବତି ତନ୍ମରଣଂ ଯନ୍ମରଣଂ ସୋଽସ୍ୟ ବିଶ୍ରାମଃ । ୪୫ ।

ଯେଉଁ ଲୋକ ରୋଗୀ, ଚିର ପ୍ରବାସୀ, ପରାନ୍ନଭୋଜୀ, ପରଗୃହ ଶାୟୀ ସେ ଲୋକ ପ୍ରାଣ ଧାରଣ କରିବା ଯେ ସେ ମରଣ ତୁଲ୍ୟ ଅତଏବ ମରଣ ତାହାର ବିଶ୍ରାମ ଅଟେ । ୪୫ ।

ଋଣ କର୍ତ୍ତା ପିତା ଶତ୍ରୁ ର୍ମାତା ଚ ବ୍ୟଭିଚାରିଣୀ ।
ଭାର୍ଯ୍ୟା ରୂପବତୀ ଶତ୍ରୁ ପୁତ୍ରଃ ଶତ୍ରୁଃ କୁପଣ୍ଡିତଃ । ୪୬ ।

ମନୁଷ୍ୟର ଋଣକାରୀ ପିତା ଶତ୍ରୁ, ବ୍ୟଭିଚାରିଣୀ ମାତା ଶତ୍ରୁ, ରୂପବତୀ ଭାର୍ଯ୍ୟା ଶତ୍ରୁ କୁପଣ୍ଡିତ ପୁତ୍ର ଶତ୍ରୁ ଅଟେ । ୪୬ ।

ବସ୍ତ୍ରହୀନସ୍ତ୍ୱଲଙ୍କାରୋ ଘୃତହୀନଂ ଚ ଭୋଜନଂ ।
ସ୍ତନହୀନା ଚ ଯା ନାରୀ ବିଦ୍ୟାହୀନଂ ଚ ଜୀବନଂ । ୪୭ ।

ବସ୍ତ୍ରହୀନ ଅଲଙ୍କାର ଧାରଣ ବୃଥା, ଘୃତହୀନ ଭୋଜନ ବୃଥା, ସ୍ତନହୀନା ନାରୀ ବୃଥା, ବିଦ୍ୟାହୀନ ଜୀବନଧାରଣ ବୃଥା ଅଟେ ।୪୭।

ଯସ୍ମିନ୍ ଦେଶେ ନ ସମ୍ମାନୋ ନ ପ୍ରୀତିର୍ନଚ ବାନ୍ଧବାଃ ।
ନ ଚ ବିଦ୍ୟାଗମଃ କଶ୍ଚିତ୍ତଂ ଦେଶଂ ପରିବର୍ଜୟେତ୍ । ୪୮ ।

ଯେଉଁ ଦେଶରେ ସମ୍ମାନ ନାହିଁ ପ୍ରୀତି ନାହିଁ ବା ବାନ୍ଧବ ନାହାନ୍ତି ବିଦ୍ୟାଗମ ନାହିଁ ସେ ଦେଶକୁ ପରିତ୍ୟାଗ କରିବ । ୪୮ ।

ନଖିନାଂ ଚ ନଦୀନାଂ ଚ ଶୃଙ୍ଗିଣାଂ ଶସ୍ତ୍ରପାଣିନାଂ ।
ବିଶ୍ୱାସୋ ନୈବ କର୍ତ୍ତବ୍ୟୋ ସ୍ତ୍ରୀଷୁ ରାଜକୁଲେଷୁ ଚ । ୪୯ ।

ନଖୀ, ନଦୀ, ଶୃଙ୍ଗି, ଶସ୍ତ୍ରପାଣି, ସ୍ତ୍ରୀ ଓ ରାଜକୁଳ ଏମାନଙ୍କଠାରେ କଦାପି ବିଶ୍ୱାସ କରିବ ନାହିଁ । ୪୯ ।

ପରୋକ୍ଷେ କାର୍ଯ୍ୟହନ୍ତାରଂ ପ୍ରତ୍ୟକ୍ଷେ ପ୍ରିୟବାଦିନଂ ।
ବର୍ଜୟେତ୍ତାଦୃଶଂ ମିତ୍ରଂ ବିଷକୁମ୍ଭଂ ପୟୋମୁଖଂ । ୫୦ ।

ପ୍ରତ୍ୟକ୍ଷରେ ପ୍ରିୟବାଦୀ, ପରୋକ୍ଷରେ କାର୍ଯ୍ୟହନ୍ତା ଏପରି ଯେ ପୟୋମୁଖ ବିଷକୁମ୍ଭ ସଦୃଶ ମିତ୍ର ତାହାକୁ ତ୍ୟାଗ କରିବ । ୫୦ ।

କୁଦେଶଂ ଚ କୁବୃତ୍ତିଂ ଚ କୁଭାର୍ଯ୍ୟାଂ କୁନଦୀଂ ତଥା ।
କୁଦ୍ରବ୍ୟଂ ଚ କୁଭୋଜ୍ୟଂ ଚ ବର୍ଜୟେତ୍ତୁ ବିଚକ୍ଷଣଃ । ୫୧ ।

ବିଚକ୍ଷଣ ବ୍ୟକ୍ତି କୁଦେଶ, କୁବୃତ୍ତି, କୁଭାର୍ଯ୍ୟା, କୁନଦୀ, କୁଦ୍ରବ୍ୟ, କୁଭୋଜ୍ୟ, ଏମାନଙ୍କୁ ତ୍ୟାଗ କରେ । ୫୧ ।

ଅଦାତା ବଂଶଦୋଷେଣ କର୍ମଦୋଷାଦ୍ଦରିଦ୍ରତା ।
ଉନ୍ମାଦୋ ମାତୃଦୋଷେଣ ପିତୃଦୋଷେଣ ମୂର୍ଖତା । ୫୨ ।

ମନୁଷ୍ୟ ବଂଶ ଦୋଷରୁ ଅଦାତା, କର୍ମ ଦୋଷରୁ ଦରିଦ୍ରତା, ମାତୃଦୋଷରୁ ଉନ୍ମାଦ, ପିତୃଦୋଷରୁ ମୂର୍ଖ ହୁଏ । ୫୨ ।

ପାଦପାନାଂ ଭୟଂ ବାତାତ୍ ପଦ୍ମାନାଂ ଶିଶିରାଦ୍ଭୟଂ ।
ପର୍ବତାନାଂ ଭୟଂ ବଜ୍ରାତ୍ ସାଧୂନାଂ ଦୁର୍ଜନାଦ୍ଭୟଂ । ୫୩ ।

ବୃକ୍ଷମାନଙ୍କର ବାୟୁଠାରୁ ଭୟ, ପଦ୍ମମାନଙ୍କର ଶିଶିରଠାରୁ ଭୟ, ପର୍ବତମାନଙ୍କର ବଜ୍ରଠାରୁ ଭୟ, ସାଧୁମାନଙ୍କର ଦୁର୍ଜନଠାରୁ ଭୟ ହୁଏ । ୫୩ ।

ଯସ୍ୟ ନାସ୍ତି ସ୍ୱୟଂ ପ୍ରଜ୍ଞା ଶାସ୍ତ୍ରଂ ତସ୍ୟ କରୋତି କିଂ ।
ଲୋଚନାଭ୍ୟାଂ ବିହୀନସ୍ୟ ଦର୍ପଣଃ କିଂ କରିଷ୍ୟତି । ୫୪ ।

ଯାହାର ପ୍ରଜ୍ଞା ନାହିଁ ତାହାର ଶାସ୍ତ୍ରଦ୍ୱାରା ବା କି ପ୍ରୟୋଜନ, ଯାହାର ଲୋଚନ ନାହିଁ ତାହାର ଦର୍ପଣଦ୍ୱାରା ବା କି ପ୍ରୟୋଜନ ॥

ବରଂ ପ୍ରାଣ ପରିତ୍ୟାଗୋ ମାନଭଙ୍ଗେନ ଜୀବନାତ୍ ।
ପ୍ରାଣତ୍ୟାଗେ କ୍ଷଣଂ ଦୁଃଖଂ ମାନଭଙ୍ଗେ ଦି[illegible]ନେ ॥

ମାନଭଙ୍ଗ ଜୀବନଧାରଣଠାରୁ ପ୍ରାଣତ୍ୟାଗ ଭଲ, କାରଣ ପ୍ରା
ତ୍ୟାଗରେ କ୍ଷଣକାଳ ଦୁଃଖ ହୁଏ କିନ୍ତୁ ମାନଭଙ୍ଗରେ ଦ
ଦୁଃଖ ହୁଏ । ୭୫ ।

ତକ୍ଷକସ୍ୟ ବିଷଂ ଦନ୍ତେ ମକ୍ଷିକାୟା ବିଷଂ ଶିରଃ ।
ବୃଶ୍ଚିକସ୍ୟ ବିଷଂ ପୁଚ୍ଛେ ସର୍ବାଙ୍ଗେ ଦୁର୍ଜନୋବିଷଂ । ୭୬ ।

ତକ୍ଷକର ବିଷ ଦନ୍ତରେ, ମକ୍ଷିକାର ବିଷ ଶିରରେ, ବୃଶ୍ଚିକର
ପୁଚ୍ଛରେ ଥାଏ, କିନ୍ତୁ ଦୁର୍ଜନର ବିଷ ସର୍ବାଙ୍ଗରେ ଥାଏ । ୭୬ ।

ସମାପ୍ତୋଽୟଂ

ଗ୍ରନ୍ଥଃ ।

———:O:———

PRINTED AT THE U. P. WORKS CUTTACK